## ପୋଲିସ ହେପାଜତରୁ ଅଭିଯୁକ୍ତଙ୍କ ଚମ୍ପଟ ଉଦ୍ୟମ

ଯୋଡ଼ା,(ଡି.ଏନ.ଏ.): କେନ୍ଦୁଝର ଜିଲା ଯୋଡ଼ା ପୋଲିସ ହେପାଜତରୁ ଜଣେ ଅଭିଯୁକ୍ତ ଚମ୍ପଟ ମାରିବାକୁ ଉଦ୍ୟମ କରିଥିଲେ। ଅଭିଯୁକ୍ତ ଯୋଡ଼ା ସହୀଦ ନଗରର ସନ୍ଦୀପ ରାମ(୨୧)ଙ୍କ ନାମରେ ୧୨ ଏପ୍ରିଲ ୨୦୨୩ରେ ଯୋଡ଼ା ଥାନାରେ ଏକ ମାମଲା (ନଂ. ୧୦୪/୨୩ )ପୋକ୍ସୋ ଆକ୍ଟ ରୁଜୁ ହୋଇଥିଲା। ଅଭିଯୁକ୍ତଙ୍କୁ ଗିରଫ କରି ପୋଲିସ ଗୁରୁବାର ମେଡିକାଲ ଟେଷ୍ଟ କରିବାକୁ ନେଉଥିବା ବେଳେ ଚମ୍ପଟ ମାରିଥିଲେ। ପୋଲିସ ପିଛା କରି ପୁନର୍ବାର ଧରିବାରେ ସଫଳ ହୋଇଥିଲା। କମାର ଯୋଡ଼ା ସ୍ୱାସ୍ଥ୍ୟ କେନ୍ଦ୍ରରେ ପରୀକ୍ଷା ପାଇଁ ପଠାଇଥିଲା।



# ତୁରୁମୁଙ୍ଗା ଗ୍ରୀଡ୍ ସବ୍‌ଷ୍ଟେଶନ ନିର୍ମାଣ ବିଳମ୍ବ ନେଇ କ୍ଷୋଭ

କେନ୍ଦୁଝର,୨୦।୪(ସ୍ୱ.ପ୍ର./ଡି.ଏନ୍.ଏ.)

ଗ୍ରାମ୍ୟ ଉନ୍ନୟନ, ଶକ୍ତି, ସୂଚନା ଓ ଲୋକ ସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ତଥା ଜିଏସ୍‌ଟି କମିଶନର ସଞ୍ଜୟ କୁମାର ସିଂ ୩ଦିନିଆ କେନ୍ଦୁଝର ଜିଲା ଗସ୍ତରେ ଆସି କ୍ଷେତ୍ର ପରିଦର୍ଶନ କରିବା ସହ ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମ ଓ ପ୍ରକଳ୍ପର ଅଗ୍ରଗତି ତଦାରଖ ସହ ସମୀକ୍ଷା କରିଛନ୍ତି। ବୁଧବାର ଯୋଡ଼ା ଓ ବଡ଼ବିଲ ଗସ୍ତ ପରେ ପାଟଣା ବ୍ଲକ୍ ତୁରୁମୁଙ୍ଗାଠାରେ ଓପିଟିସିଏଲ୍ ଆନୁକୂଲ୍ୟରେ ନିର୍ମାଣାଧୀନ ଗ୍ରୀଡ୍ ସବ୍‌ଷ୍ଟେଶନର ନିର୍ମାଣ କାର୍ଯ୍ୟ ତଦାରଖ କରିଥିଲେ। ନିର୍ମାଣରେ ଅହେତୁକ ବିଳମ୍ବ ଯୋଗୁ କ୍ଷୋଭ ପ୍ରକାଶ କରିବା ସହିତ ଚଳିତ ଆର୍ଥିକ ବର୍ଷ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଯଦି ସମୟସୀମା ମଧ୍ୟରେ ସଂଯୋଗ କରୁଥିବା ୨୨୦ କେ.ଭି. ବିଦ୍ୟୁତ୍ ଲାଇନ୍ ଏବଂ ସେଥିରୁ ବାହାରୁଥିବା ୧୩୨ କେ.ଭି. ବିଦ୍ୟୁତ୍ ଲାଇନ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହୁଏ, ଠିକା ସଂସ୍ଥାକୁ କଳା ତାଲିକାଭୁକ୍ତ କରାଯିବ ବୋଲି ଚେତାବନୀ ଦେଇଥିଲେ। ପ୍ରତିଦିନ ନିର୍ମାଣ କାର୍ଯ୍ୟର ଅଗ୍ରଗତି ବିବରଣୀ ଜଣାଇବାକୁ କହିଥିଲେ। ଏହି ସମୟରେ ଓପିଟିସିଏଲ୍‌ର ଏକ୍‌ଜିକ୍ୟୁଟିଭ୍ ଡିରେକ୍ଟର ଜୟରାମ ସାହୁ, ଜେନେରାଲ ମ୍ୟାନେଜର ସୁବ୍ରତ ନାୟକ, ଡେପୁଟି ଜେନେରାଲ ମ୍ୟାନେଜର ସୁବାସ ସିଂହ ଓ ଶଶାଙ୍କ ଶେଖର ବେହେରାଙ୍କ ସମେତ ବିଭାଗୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ଗୁରୁବାର ସର୍କିଟ୍ ହାଉସ୍‌ଠାରେ କେନ୍ଦୁଝର ଜିଲାପାଳ ଆଶିଷ ଠାକ୍‌ରେଙ୍କ ଉପସ୍ଥିତିରେ ବିଭିନ୍ନ ବିଭାଗୀୟ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ପରେ ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ ଉଛବାଳି ଗ୍ରାମରେ ବିଜୁ ସେତୁ ଯୋଜନାରେ ବୈତରଣୀ ନଦୀ ଉପରେ ୨୦୬୦.୨୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣାଧୀନ ପୋଲର (ଉଛବାଳିରୁ ଉତ୍ତରପଶି ରୋଡ୍ ଭାୟା ପଦ୍ମପୁର) ନିର୍ମାଣ କାର୍ଯ୍ୟ ତଦାରଖ କରିଥିଲେ। ମେ ମାସ ସୁଦ୍ଧା ପୋଲର ସମସ୍ତ ନିର୍ମାଣ ଶେଷ କରିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗର କର୍ମକର୍ତ୍ତା ଓ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ। ସେତୁ ନିର୍ମାଣ ଫଳରେ କେନ୍ଦୁଝରର ୧୦ ପଞ୍ଚାୟତ, ମୟୂରଭଞ୍ଜ ଜିଲାର ୭ ପଞ୍ଚାୟତର ଜନସାଧାରଣ ଉପକୃତ ହୋଇପାରିବେ। ଡିଏମ୍‌ଏଫ୍ (ଜିଲା ଖଣିଜ ପାଣ୍ଠି)ଓ ଓମ୍ବାଡିସି(ଓଡ଼ିଶା ମିନେରାଲ ବିୟରିଂ ଏରିଆ ଡେଭଲପ୍‌ମେଣ୍ଟ କର୍ପୋରେଶନ) ଅନୁଦାନରେ ହାତକୁ ନିଆଯାଇଥିବା ପ୍ରକଳ୍ପଗୁଡ଼ିକର ୫ ବର୍ଷ ପର୍ଯ୍ୟନ୍ତ ମରାମତି ଓ ରକ୍ଷଣାବେକ୍ଷଣ ଖର୍ଚ୍ଚ ଅଟକଳରେ ଅନ୍ତର୍ଭୁକ୍ତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଓ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅନ୍ତର୍ଗତ ଗାଇଡ୍‌ଲାଇନ ଅନୁଯାୟୀ ଜିଲାପାଳଙ୍କ ନିକଟକୁ ପ୍ରସ୍ତାବ ପଠାଇବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରମୁଖ ଶାସନ ସଚିବଙ୍କ ଉକ୍ତ ତଦାରଖ ଓ ସମୀକ୍ଷା ସମୟରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଚିଫ୍ କନ୍‌ଷ୍ଟ୍ରକଶନ ଇଞ୍ଜିନିୟର ଏନ୍.ଭି. ହରିହର, ଇଞ୍ଜିନିୟର ଇନ୍ ଚିଫ୍ ଇଂ. ପ୍ରଦୀପ ଚନ୍ଦ୍ର ସାମଲ, ଚିଫ୍ ଇଞ୍ଜିନିୟର ବ୍ରିଜ୍ ରମେଶ ଚନ୍ଦ୍ର ବେହେରା, ଅଧୀକ୍ଷଣ ଯନ୍ତ୍ରୀ(୧) ସରୋଜ ପାଢ଼ୀ, ଅଧୀକ୍ଷଣ ଯନ୍ତ୍ରୀ (୨) ବିନୋଦ ବିହାରୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



ସୂଚନା ଓ ଲୋକ ସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ଜିଲାପାଳ ଆଶିଷ ଠାକ୍‌ରେ ଓ ଅନ୍ୟମାନେ।

### ପ୍ରମୁଖ ଶାସନ ସଚିବଙ୍କ କ୍ଷେତ୍ର ପରିଦର୍ଶନ

- ମେ ସୁଦ୍ଧା ଉଛବାଳି ବିଜୁ ସେତୁ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ
- ଡିଏମ୍‌ଏଫ୍, ଓମ୍ବାଡିସି ପ୍ରକଳ୍ପରେ ରକ୍ଷଣାବେକ୍ଷଣ ଖର୍ଚ୍ଚ ଅନ୍ତର୍ଭୁକ୍ତିକୁ ଗୁରୁତ୍ୱ

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com



@ସାଇକୃପା



@ସଞ୍ଜୟ

ସେଲ୍‌ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ସଂକ୍ଷେପରେ

### ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସରେ ଆନନ୍ଦପୁର ଝିଅ ଚାମ୍ପିୟନ

କୋଡ଼ପଡ଼ା,୨୦।୪(ଡି.ଏନ୍.ଏ.): କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦ ଅନ୍ତର୍ଗତ ୭ନଂ ୱାର୍ଡ଼ ବାସିନ୍ଦା ସୁଦର୍ଶନ ରଣା ଓ ସୁଷମା ରଣାଙ୍କ ଝିଅ ସ୍ମୃତିରେଖା ରଣା ଜି ସାର୍ଥକ ଓଡ଼ିଆ ଚ୍ୟାନେଲର ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ ପ୍ରତିଯାଗିତାରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି। ୫୦ହଜାର ଟଙ୍କା ପୁରସ୍କାର ରାଶି ପାଇଥିବାର ଜଣାଯାଇଛି। ତାଙ୍କର ଏହି ସଫଳତାରେ ଆନନ୍ଦପୁର କଳାକାର ଓ ସାଧାରଣ ଲୋକଙ୍କ ମଧରେ ଖୁସିର ଲହରି ଖେଳିଯାଇଛି। ସ୍ମୃତିରେଖା 'ତୁ ଖରା ମୁ ଛାଇ'ର ସିରିଏଲରେ କାର୍ଯ୍ୟ କରୁଛନ୍ତି।




### ମଦ ବିରୋଧରେ ତେଜିଲେ ମହିଳା

ଗୋପବନ୍ଧୁ ନଗର,୨୦।୪(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଅଧୀନ ସାଇଁକୁଳା ପଞ୍ଚାୟତର ସିରାଥଳୀ ଗ୍ରାମରେ ମଦ ବିକ୍ରି ନେଇ ଅସନ୍ତୋଷ ପ୍ରକାଶ ପାଇଛି। ମଦ ବିକ୍ରି ବନ୍ଦ କରିବା ପାଇଁ ଗ୍ରାମର ମହିଳାମାନେ ଏକାଠି ହୋଇଛନ୍ତି। ୩ ଦିନ ତଳେ ଉକ୍ତ ଗ୍ରାମର ମା' ତାରିଣୀ, ମା' ହିଙ୍ଗୁଳା, ମା' ମଙ୍ଗଳା, ମା' ଦୁର୍ଗା ଓ ମା' ଭୈରବୀ ପ୍ରଭୃତି ୭ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ମଦ ବିରୋଧରେ ସ୍ଲୋଗାନ ଦେଇ ଏକ ସଚେତନତା ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରା କାଳିଆପଦା ଗ୍ରାମ ପର୍ଯ୍ୟନ୍ତ ଯାଇଥିଲା। ପରେ ଗ୍ରାମରେ କେହି ମଦ ବିକ୍ରି ନ କରିବାକୁ ଓ ମଦ ପିଇ ଗାଁକୁ ନ ଫେରିବାକୁ ଘରେ ଘରେ ତାଗିଦ୍ କରିଥିଲେ। ତେବେ ଘଟଣାର ୪୮ ଘଣ୍ଟା ନ ପୂରୁଣୁ ଗୁରୁବାର ମଧାହ୍ନରେ ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ନିଶାଶକ୍ତ ଅବସ୍ଥାରେ ଘରକୁ ଫେରି ସ୍ତ୍ରୀଙ୍କ ସହ ଝଗଡ଼ା ଓ ମାର୍‌ପିଟ କରିଥିଲେ। ଖବର ପାଇ ମହିଳାମାନେ ଏକାଠି ହୋଇ ତାଙ୍କୁ ଧରି ପୋଲିସକୁ ଖବର ଦେଇଥିଲେ। କୁଆମରା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ମହିଳାଙ୍କ କବଳରୁ ତାଙ୍କୁ ଉଦ୍ଧାର କରିଥିଲା।

### ମୋରମ,ବାଲି ଚାଲାଣ: ୩ ଗାଡ଼ି ଜବତ

ଗୋପବନ୍ଧୁ ନଗର,୨୦।୪(ଡି.ଏନ.ଏ.)- ଗୋପବନ୍ଧୁ ନଗର ବ୍ଲକ ଆରପଟା ଅଞ୍ଚଳର ଜଣେ ବ୍ୟକ୍ତି ବୁଧବାର ରାତିରେ ନିଜ ବାଡ଼ିରୁ ବେଆଇନ ଭାବେ ମୋରମ ଉତ୍ତୋଳନ କରୁଥିବା ବେଳେ ଖୁଣ୍ଟା ପୋଲିସ ଚଢ଼ାଉ କରି ଏକ ଜେସିବି ମେଶିନ ସମେତ ଟ୍ରାକ୍ଟରକୁ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଡ୍ରାଇଭର ଉଦୟ ନାଥ ଖମାରୀ ଓ ବାପୁନ ସିଂଙ୍କୁ ଗିରଫ କରାଯାଇଛି। ଏ ନେଇ ଏକ ମାମଲା(ନଂ.୧୧୫/୨୩) ରୁଜୁ ହୋଇଛି। ସେହିପରି ଉକ୍ତ ଅଞ୍ଚଳରୁ ଏକ ବାଲି ବୋଝେଇ ଟ୍ରାକ୍ଟରକୁ ପୋଲିସ ଜବତ କରିଛି। ଘଟଣାରେ ସମ୍ପୃକ୍ତ ଡ୍ରାଇଭର ବଡ଼ସାହି ଥାନା ଅଧୀନ ପଟିସାରୀ ଗ୍ରାମର ଜିତୁ ସିଂଙ୍କୁ ମଧ ଗିରଫ କରାଯାଇଛି। ଏ ନେଇ ଥାନାରେ ଅନ୍ୟ ଏକ ମାମଲା(ନଂ.୧୧୪/୨୩) ରୁଜୁ ହୋଇଛି।

# ଗୁଣାତ୍ମକ ଶିକ୍ଷା, ମୂଲ୍ୟବୋଧ ଭିତ୍ତିକ ଗବେଷଣା ଉପରେ ଗୁରୁତ୍ୱ



କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

### ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ 'ବର୍ଣ୍ଣାଳୀ'

ବାଲେଶ୍ୱର ଅଫିସ, ୨୦।୪

ବାଲେଶ୍ୱର ଫକୀରମୋହନ(ଏଫଏମ୍) ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ ୨୦୨୩ 'ବର୍ଣ୍ଣାଳୀ' ପାଳିତ ହୋଇଯାଇଛି। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଅତିଥି ଭାବରେ ଯୋଗଦେଇ ଫକୀରମୋହନ ବିଶ୍ୱବିଦ୍ୟାଳୟ ଗୁଣାତ୍ମକ ଶିକ୍ଷା ଓ ମୂଲ୍ୟବୋଧଭିତ୍ତିକ ଗବେଷଣାକୁ ଗୁରୁତ୍ୱ ଦେବା ସହିତ ସାଧାରଣ ଲୋକଙ୍କ ନିକଟତର ହୋଇ ସେମାନଙ୍କ ସାମାଜିକ ଜୀବନରେ ଉନ୍ନତି ଲାଗି ଉଲ୍ଲେଖନୀୟ କାର୍ଯ୍ୟ ସମ୍ପାଦନ କରିଆସିଛି। ବିଶ୍ୱବିଦ୍ୟାଳୟ ଏକ ସଂସ୍କୃତିସମ୍ପନ୍ନ ବିଶ୍ୱବିଦ୍ୟାଳୟ, ଯାହାକି ଆଧୁନିକ ଓଡ଼ିଶା ଗଠନ ଓ ଓଡ଼ିଆ ଭାଷାର ସୁରକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଫକୀରମୋହନ ସେନାପତିଙ୍କ ନାମରେ ନାମିତ ଏହା ଗୌରବର ବିଷୟ ବୋଲି ପ୍ରକାଶ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ବିଦ୍ୟାର୍ଥୀମାନଙ୍କୁ ନିଜର ପ୍ରତିଭା ବିକାଶ ନିମିତ୍ତ ବିଶ୍ୱବିଦ୍ୟାଳୟ ପରି ଉପଯୁକ୍ତ କ୍ଷେତ୍ରର ସୁଯୋଗ ନେବା ପାଇଁ ଉଦ୍‌ବୋଧନ ଦେବା ସହିତ ଗବେଷକ ଓ ଅଧାପିକା, ଅଧାପକମାନଙ୍କୁ ଗବେଷଣା କ୍ଷେତ୍ରରେ ଉଦାହରଣ ସୃଷ୍ଟି କରିବା ପାଇଁ ଆହ୍ୱାନ ଦେଇଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ମୁନେଶ୍ ଚନ୍ଦ୍ର ଅଧିକାରୀ ଏହି ସାଂସ୍କୃତିକ ମହୋତ୍ସବ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସାଂସ୍କୃତିକ ପରିଷଦ ଉପାଧ୍ୟକ୍ଷ ଡ. ସଞ୍ଜୀବ କୁମାର ମାଝି ଏବଂ କ୍ରୀଡ଼ା ପରିଷଦ ଉପାଧ୍ୟକ୍ଷ ଡ. ସଚ୍ଚିଦାନନ୍ଦ ଶା ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧାପିକା ସ୍ମୃତି ପାଢ଼ୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଡ. ସୁଶାନ୍ତ କୁମାର ବାରିକ ଧନ୍ୟବାଦ ଦେଇଥିଲେ। କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା।

ଠାକୁରାଣୀଙ୍କ ଶୋଭାଯାତ୍ରା ବେଳେ ଗଣ୍ଡଗୋଳ

# ଯୁବକଙ୍କୁ ଭୁଜାଲି ମାଡ଼, ଜଣେ ଗିରଫ

ରୂପସା, ୨୦।୪(ଡି.ଏନ.ଏ.): ବାଲେଶ୍ୱର ସଦର ବ୍ଲକ କୁରାଡ଼ିହା ପଞ୍ଚାୟତ କୋଇଲିସାହି ଗ୍ରାମରେ ଶୀତଳାଦେବୀ ଠାକୁରାଣୀଙ୍କ ଶୋଭାଯାତ୍ରାକୁ କେନ୍ଦ୍ର କରି ଉତ୍ତେଜନା ଲାଗିରହିଛି। ଜଣେ ଯୁବକଙ୍କୁ ଭୁଜାଲି ମାଡ଼ ହେବାରୁ ସେ ଗୁରୁତର ଆହତ ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଶୋଭାଯାତ୍ରା ପୂଜାମଣ୍ଡପ ନିକଟକୁ ଯାଉଥିବା ବେଳେ ସେହି ଗ୍ରାମର ୬ଜଣ ଯୁବକ ଆସି ପାଟିତୁଣ୍ଡ କରିବା ସହ ଅନ୍ୟ ରାସ୍ତାରେ ନେବାକୁ କହିଥିଲେ। ଏହି ଘଟଣାକୁ କେନ୍ଦ୍ର କରି ଗଣ୍ଡଗୋଳ ହୋଇଥିଲା। ଯୁବକମାନେ ପୂଜାମଣ୍ଡପ ନିକଟକୁ ଯାଇ ଗାଳିଗୁଲଜ କରିଥିଲେ। ଏହାର ପ୍ରତିବାଦ କରିବାରୁ ଉକ୍ତ ଯୁବକମାନେ ଗ୍ରାମର ବିଜୟ କୁମାର ଜେନାଙ୍କୁ ଆକ୍ରମଣ କରିବା ସହିତ ଭୁଜାଲି ମାଡ଼ କରି ଚମ୍ପଟ ମାରିଥିଲେ। ଗୁରୁତର ଅବସ୍ଥାରେ ବିଜୟଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ତୁରନ୍ତ କଟକ ସ୍ଥାନାନ୍ତରିତ କରିଥିଲେ। ଘଟଣା ସମ୍ପର୍କରେ ବସ୍ତା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୧୨୫/୨୩) ରୁଜୁ କରି ଜଣେ ଅଭିଯୁକ୍ତ ଅମିତ ଜେନାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# କାଜୁ ତୋଳିବାକୁ ଯାଇ ବୃଦ୍ଧାଙ୍କ ମୃତ୍ୟୁ

ମୋରଡ଼ା,୨୦।୪(ଡି.ଏନ.ଏ)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଞ୍ଚଳର ଜଣେ ବୃଦ୍ଧା କାଜୁ ତୋଳିବାକୁ ଯାଇଥିବା ବେଳେ ତାଙ୍କର ମୃତ୍ୟୁ ହୋଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୩/୨୩) ରୁଜୁ କରି ତଦନ୍ତ ଚଳାଇଛି। ମୃତ ମହିଳା ଜଣକ ହେଲେ ପଳାଶବଣୀ ଗ୍ରାମର ଗୌର ମାରାଣ୍ଡି(୬୧)। ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀଙ୍କ ସୂଚନା ଅନୁଯାୟୀ, ପଳାଶବଣୀ ଗ୍ରାମର ଗୌର ପଡ଼ୋଶୀ ହୀରା ମାରାଣ୍ଡି ଏବଂ ଦୁଲି ମାରାଣ୍ଡିଙ୍କ ସହିତ ନିକଟସ୍ଥ ସିନ୍ଦୁରଯୋଡ଼ା ଗ୍ରାମରେ ଥିବା ବଗିଚାକୁ କାଜୁ ତୋଳିବାକୁ ଯାଇଥିଲେ। ତେବେ ଗୌର ଅସୁସ୍ଥତା ଅନୁଭବ କରିବାରୁ ଏକ କାଜୁ ଗଛ ତଳେ ବିଶ୍ରାମ ନେଇଥିଲେ। ହୀରା ଏବଂ ଦୁଲି ଘରକୁ ଫେରି ଗୌରଙ୍କ ପୁଅକୁ ଜଣାଇଥିଲେ। ଗୌରଙ୍କ ପୁଅ କାଜୁ ବଗିଚାରେ ପହଞ୍ଚିଲା ବେଳକୁ ସେଠାରେ ଗୌରଙ୍କ ମୃତ୍ୟୁ ହୋଇଯାଇଥିଲା। ମୋରଡ଼ା ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।




# କବି ବାଞ୍ଛାନିଧି ମହାନ୍ତିଙ୍କ ଜୟନ୍ତୀ ସମାରୋହ



ବାସୁଦେବପୁର, ୨୦।୪ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ଇରମଠାରେ ଶହୀଦ ସ୍ମୃତି କମିଟି ଓ ଅବସରପ୍ରାପ୍ତ କର୍ମଚାରୀ ସଂଘର ମିଳିତ ଆନୁକୂଲ୍ୟରେ ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ଜୟନ୍ତୀ ସମାରୋହ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସେହିପରି ସ୍ୱାଧୀନ ରାଷ୍ଟ୍ର ବାଞ୍ଛାନିଧି ଚକଲାର ପ୍ରଧାନମନ୍ତ୍ରୀ ସଂଗ୍ରାମୀ କମଳା ପ୍ରସାଦ କରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ମୁଖ୍ୟଅତିଥି ଭାବେ ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। କବି ବାଞ୍ଛାନିଧିଙ୍କ କବିତାରେ ବିପ୍ଳବର ପଦଚିହ୍ନ ସହ ଉଦାମତା ଥିବାରୁ ଶତାଧିକ ସଂଗ୍ରାମୀଙ୍କୁ ଏକଜୁଟ କରି ରଖିପାରୁଥିଲେ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଗବେଷକ ଅଜୟ ପଣ୍ଡା ଏବଂ ଅନ୍ୟତମ ଅତିଥି ଭାବେ ସରପଞ୍ଚ ସାବିତ୍ରୀ ବଳ, ସମିତିସଭ୍ୟ ଲଗ୍ନିକା ମଲିକ, ସୁଭଦ୍ରା କର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୁଶାସନ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ସ୍ମୃତି କମିଟି ସଭାପତି ଭାଗୀରଥି ମହାନ୍ତି ସଭାପତିତ୍ୱ କରିଥିଲେ। ସାମାଜିକ କର୍ମୀ ତ୍ରୈଲୋଚନ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ଶିକ୍ଷକ ଗଙ୍ଗାଧର ଘଡ଼େଇଙ୍କ ଦ୍ୱାରା ଲିଖିତ ପୁସ୍ତକ ଗଳ୍ପଗୁଚ୍ଛ, ଜାତୀୟ କବି ବାଞ୍ଛାନିଧି ମହାନ୍ତି ପୁସ୍ତକ ଲୋକାର୍ପିତ ହୋଇଥିଲା। ଶହୀଦ ସ୍ତମ୍ଭଠାରେ ସ୍ୱାଧୀନତା ସଂଗ୍ରାମୀ କରଙ୍କ ପ୍ରତିମୂର୍ତ୍ତିକୁ ଅତିଥିଙ୍କ ଗହଣରେ ତହସିଲଦାର ପଣ୍ଡା ଉନ୍ମୋଚନ କରିଥିଲେ। ରଞ୍ଜନ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ଆବାହକ ରତିକାନ୍ତ ରାୟ ଉପସ୍ଥିତ ଥିଲେ।

# ବିଜେଡିରେ ମିଶିଲେ ଅନ୍ୟ ଦଳର କର୍ମୀ

ପଦ୍ମପୁର, ୨୦।୪(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବାଲିମେଦ ପଞ୍ଚାୟତ ଖସରବେଢ଼ିଠାରେ ବିଜେଡିର ମିଶ୍ରଣ ପର୍ବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ପଲିତାଙ୍କ ନେତୃତ୍ୱରେ ୨ଶହରୁ ଊର୍ଦ୍ଧ୍ୱ କର୍ମୀ ବିଜେଡିରେ ଯୋଗ ଦେଇଛନ୍ତି। ସେହିପରି ନୂଆଗାଁଠାରେ ଶତାଧିକ କର୍ମୀ ଦଳରେ ସାମିଲ ହୋଇଛନ୍ତି। ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବିଧାୟକ ପ୍ରତିନିଧି ଅସିତ କୁମାର ଦାସ, ବ୍ଲକ ବିଜେଡି ସଭାପତି ଦୀନବନ୍ଧୁ ଦାସ, ଇଂ. ସସ୍ମିତ କୁମାର ମହାନ୍ତି, ଛାତ୍ରନେତା କାଳନ୍ଦୀ ସାହୁ, ବ୍ଲକ ବିଜେଡି ଉପସଭାପତି ଅଶୋକ କୁମାର ନାୟକ, ଜିଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି କୃଷ୍ଣଚନ୍ଦ୍ର ଘଡ଼େଇ, ସିଦ୍ଧାର୍ଥ ଶଙ୍କର ପଟ୍ଟନାୟକ ପ୍ରମୁଖ ନୂତନ କର୍ମୀଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଦଳରେ ସାମିଲ କରିଥିଲେ।

# ବିଦ୍ୟୁତ୍ କାଟ୍‌କୁ ନେଇ ତେଜୁଛି ଅସନ୍ତୋଷ

ବାରିପଦା ଅଫିସ,୨୦।୪

ମୟୂରଭଞ୍ଜ ଜିଲା ବାରିପଦା ସହରରେ ତାପମାତ୍ରା ୪୪ଡିଗ୍ରୀ ଉପରେ ରହୁଥିବା ବେଳେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ପ୍ରବଳ ଗୁଳୁଗୁଳି ଗରମ ଓ ତାତି ଅସହ୍ୟ ହୋଇପଡୁଛି। ବାହାରକୁ ବାହାରିବା ଅସମ୍ଭବ ହୋଇପଡୁଛି। ଝାଞ୍ଜି ପବନ ଯୋଗୁ ଲୋକେ ଡହଳବିକଳ ହେଉଥିବା ବେଳେ ବାରମ୍ବାର ବିଦ୍ୟୁତ କାଟ୍ ଯୋଗୁ ଅସନ୍ତୋଷ ତେଜିବାରେ ଲାଗିଛି। ବିଦ୍ୟୁତ୍ ବିଭାଗର ଅବହେଳା ଓ ମନୋମୁଖି କାର୍ଯ୍ୟ ପାଇଁ ବାରମ୍ବାର ବିଦ୍ୟୁତ କାଟ୍ ଯୋଗୁ ସହରବାସୀ ଗ୍ରୀଷ୍ମ କଷ୍ଟ ଭୋଗୁଛନ୍ତି। ସହରରେ ଥିବା ୨୮ଟି ୱାର୍ଡ ମଧ୍ୟରୁ ୧୭ନଂ.ୱାର୍ଡ ବିଜୟରାମଚନ୍ଦ୍ରପୁରବାସୀ ବିଦ୍ୟୁତ୍ କାଟକୁ ନେଇ ଅଭିଯୋଗ କରିଛନ୍ତି। ବାରମ୍ବାର ବିଦ୍ୟୁତ୍ କାଟ୍ ଯୋଗୁ ଶିଶୁ ଓ ବୃଦ୍ଧାବୃଦ୍ଧମାନେ ପ୍ରବଳ ଗରମରେ ବେଶୀ ପ୍ରଭାବିତ ହେଉଛନ୍ତି। ଉପଭୋକ୍ତାମାନଙ୍କ ସମସ୍ୟାକୁ ନେଇ ବିଭାଗୀୟ ଅଧିକାରୀମାନେ ଠିକ୍ ଜବାବ ଦେଇପାରୁ ନ ଥିବା ବେଳେ ଓଭରଲୋଡ୍ ଯୋଗୁ ବିଦ୍ୟୁତ୍ କାଟ କରାଯାଉଛି ବୋଲି ସଫେଇ ଦେଉଛନ୍ତି। ସେହିପରି ଆବଶ୍ୟକ କର୍ମଚାରୀ ଅଭାବରୁ ରକ୍ଷଣାବେକ୍ଷଣ ନିମନ୍ତେ ପାୱାର କାଟ୍ କରାଯାଉଛି ବୋଲି କର୍ମଚାରୀମାନେ ପ୍ରକାଶ କରୁଥିବା ନେଇ ୱାର୍ଡବାସୀ ପ୍ରକାଶ କରିଛନ୍ତି। ତେବେ ବର୍ଷ ତମାମ ରକ୍ଷଣାବେକ୍ଷଣ ପାଇଁ ପ୍ରତି ସପ୍ତାହରେ ଦିନେ କିମ୍ବା ଦୁଇ ଦିନ ବିଦ୍ୟୁତ୍ କାଟ କରାଯାଉଥିବା ବେଳେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସମୟରେ ବିଦ୍ୟୁତ୍ କାଟ କରିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ସୁଜିତ କୁମାର ରଥ କୁହନ୍ତି, ବିଦ୍ୟୁତ୍ କାଟ କରାଯାଉ ନ ଥିବା ବେଳେ ଓଭର ଲୋଡ୍ ପାଇଁ ବିଭିନ୍ନ ସମସ୍ୟା ଉପୁଜିବାରେ ଲାଗିଛି। ଫ୍ୟୁଜ୍ କଟିବା ଫଳରେ ବାରମ୍ବାର ବିଦ୍ୟୁତ୍ ଟ୍ରିପ୍ କରୁଛି। ୨୪ଘଣ୍ଟିଆ ଅନବରତ ସେବା ଯୋଗାଇବା ନିମନ୍ତେ ୨/୩ଟି ଗାଡ଼ିରେ କର୍ମଚାରୀମାନେ ବୁଲି ରକ୍ଷଣାବେକ୍ଷଣ କରିବା ସହ ବିଦ୍ୟୁତ୍ ସେବା ପ୍ରୟାସ ଜାରି ରଖିଛନ୍ତି ବୋଲି ସେ କହିଛନ୍ତି।

DADLS - 09
ଓଡ଼ିଶା ସରକାର



ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ
ଡଃ. ସଦାଶିବ ତ୍ରିପାଠୀଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
୨୧ ଅପ୍ରେଲ, ୨୦୨୩

ସକାଳ ୮ ଘଟିକା ସମୟରେ କ୍ୟାପିଟାଲ ହସ୍ପିଟାଲ ଛକ, ଭୁବନେଶ୍ୱରସ୍ଥିତ ଡଃ. ସଦାଶିବ ତ୍ରିପାଠୀଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ।

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ମୁନ୍ନା ଖାଁ, ମାନ୍ୟବର ସାଂସଦ, ରାଜ୍ୟସଭା
ବିଶିଷ୍ଟ ଅତିଥି – ଶ୍ରୀଯୁକ୍ତ ପ୍ରଦୀପ ମାଝୀ, ଉପଦେଷ୍ଟା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ
ସମ୍ମାନନୀୟ ଅତିଥି – ଅବିଭକ୍ତ କୋରାପୁଟ ଜିଲ୍ଲାର ମାନ୍ୟବର ସାଂସଦ ଓ ବିଧାୟକ ବୃନ୍ଦ
– କସ୍ତୁରୀ ମହାପାତ୍ର, ସଂପାଦିକା, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ
ମୁଖ୍ୟବକ୍ତା – ଶ୍ରୀଯୁକ୍ତ ଶୁଭେନ୍ଦୁ ମହାନ୍ତି, ପ୍ରାଧ୍ୟାପକ, ଅର୍ଥନୀତି ବିଭାଗ, ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ଖୋର୍ଦ୍ଧା

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ପରିଷଦ, ଭୁବନେଶ୍ୱରର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ବିନମ୍ର ଅନୁରୋଧ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ
OIPR-15001/13/0027/2324

